
# ସାହିତ୍ୟିକା

## ଅଷ୍ଟମ ଶ୍ରେଣୀ




ସର୍ବଶିକ୍ଷା ଅଭିଯାନ
ସର୍ବେ ପଢ଼ନ୍ତୁ ସର୍ବେ ବଢ଼ନ୍ତୁ

ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ସୂଚୀପତ୍ର


| ପଦ୍ୟ | କବି/ଲେଖକ | ପୃଷ୍ଠା |
|---|---|---|
| ୧. ବୃକ୍ଷ ମାହାତ୍ମ୍ୟ | ଜଗନ୍ନାଥ ଦାସ | ୧ |
| ୨. ଜଳ | ଅରକ୍ଷିତ ଦାସ | ୭ |
| ୩. ଉଦ୍‌ବୋଧନ | ଗଙ୍ଗାଧର ମେହେର | ୧୩ |
| ୪. ଶିବରାତ୍ରି | ଗୋପବନ୍ଧୁ ଦାସ | ୧୯ |
| ୫. ଶିକ୍ଷାଦୀକ୍ଷା | ବୈଷ୍ଣବ ପାଣି | ୨୪ |
| ୬. ଜାତୀୟ ପତାକା | ଗୋଦାବରୀଶ ମିଶ୍ର | ୨୯ |
| ୭. ବଶିଷ୍ଠ ଓ ବିଶ୍ୱାମିତ୍ର | ଅନନ୍ତ ପଟ୍ଟନାୟକ | ୩୩ |
| ୮. ଭାରତ ମାଆ | ମନୋରମା ମହାପାତ୍ର | ୪୦ |
| **ଗଦ୍ୟ** | | |
| ୯. ମୋର ଆସାମ ଭ୍ରମଣ | ଲକ୍ଷ୍ମୀନାରାୟଣ ସାହୁ | ୪୪ |
| ୧୦. ରୋଗୀସେବା | ଉଦୟନାଥ ଷଡ଼ଙ୍ଗୀ | ୫୦ |
| ୧୧. ଗୁରୁ-ଶିଷ୍ୟ ସମ୍ପର୍କ | ଶତ୍ରୁଘ୍ନ ନାଥ | ୫୮ |
| ୧୨. ଦରିଆ ଦଖଲ | ଅନ୍ନପୂର୍ଣ୍ଣା ମହାରଣା | ୬୬ |
| ୧୩. ପ୍ରଗତି ଓ ମାନବ ଧର୍ମ | ବୈଦ୍ୟନାଥ ମିଶ୍ର | ୭୧ |
| ୧୪. ବୈଜ୍ଞାନିକ ମନୋବୃତ୍ତି | ଶରତ କୁମାର ମହାନ୍ତି | ୭୭ |
| **ଗଳ୍ପ** | | |
| ୧୫. ଡାକମୁନ୍‌ସି | ଫକୀରମୋହନ ସେନାପତି | ୮୪ |
| ୧୬. ଦଶହରା ଭେଟି | ରାଜକିଶୋର ରାୟ | ୯୦ |
| ୧୭. ସ୍ୱପ୍ନ | ବୀଣାପାଣି ମହାନ୍ତି | ୯୬ |
| **ଏକାଙ୍କିକା** | | |
| ୧୮. ସୁନା ନେଉଳ | ମଙ୍ଗଳୁ ଚରଣ ବିଶ୍ୱାଳ | ୧୦୧ |
| ୧୯. ଆହୁତି | କାର୍ତ୍ତିକ ଚନ୍ଦ୍ର ରଥ | ୧୧୧ |


❖❖❖

# ଭାରତର ସମ୍ବିଧାନ

**ପ୍ରସ୍ତାବନା :**

ଆମ୍ଭେ ଭାରତବାସୀ ଭାରତକୁ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ କରିବାର ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକମାନଙ୍କୁ

* ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
* ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମରେ ସ୍ୱାଧୀନତା;
* ଅବସ୍ଥା ଓ ସୁଯୋଗର ସମାନତା ପ୍ରଦାନ କରି ଓ ସେମାନଙ୍କ ମଧ୍ୟରେ ବ୍ୟକ୍ତିର ସମ୍ମାନ ସହ ଭ୍ରାତୃତ୍ୱ ଏବଂ ଦେଶର ଏକତା ଓ ସଂହତି ରକ୍ଷା କରି

ଆମର ଏହି ସମ୍ବିଧାନ ପ୍ରଣୟନ ସଭାରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଏହି ସମ୍ବିଧାନକୁ ପରିଗ୍ରହଣ ଓ ପ୍ରଣୟନ କରି ନିଜଠାରେ ସମର୍ପଣ କଲୁ ।

## ଚତୁର୍ଥ ଅଧ୍ୟାୟ (କ)

## 51 (A) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର ନିମ୍ନଲିଖିତ କର୍ତ୍ତବ୍ୟ ହେବ -**

(କ) ସମ୍ବିଧାନ ମାନି ଚଳିବା ଓ ଏହାର ଆଦର୍ଶ ଏବଂ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଅନୁଷ୍ଠାନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତିର ସୁରକ୍ଷା କରିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ପଡ଼ିଲେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମନୈତିକ, ଭାଷାଗତ, ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ସବୁ ଅଧିବାସୀମାନଙ୍କ ମଧ୍ୟରେ ସହମତି ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀମାନଙ୍କର ସମ୍ମାନରେ ଆଞ୍ଚ ଆସିବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା;

(ଚ) ଆମର ବିବିଧ ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ଯଥାର୍ଥ ମୂଲ୍ୟ ଦେବା ଓ ସାଇତି ରଖିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ପଶୁପକ୍ଷୀ ସମ୍ବଳିତ ପ୍ରାକୃତିକ ପରିବେଷ୍ଟନୀର ସୁରକ୍ଷା ଓ ଉନ୍ନତି କରିବା ଓ ଜୀବମାନଙ୍କ ପ୍ରତି ସଦୟ ହେବା;

(ଜ) ବୈଜ୍ଞାନିକ ମୂଲ୍ୟବୋଧ, ମାନବିକତା ଓ ଅନୁସନ୍ଧିତ୍ସା ତଥା ସଂସ୍କାର ମନୋଭାବ ଧାରଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା;

(ଞ) ପ୍ରତ୍ୟେକ କ୍ଷେତ୍ରରେ ବ୍ୟକ୍ତିଗତ ଓ ସମଷ୍ଟିଗତ ଉତ୍କର୍ଷ ପାଇଁ ଚେଷ୍ଟା କରିବା, ଯାହା ଫଳରେ ଦେଶ ସର୍ବଦା ଉଚ୍ଚତର ଚେଷ୍ଟା ଓ କୃତିତ୍ୱ ଦିଗରେ ଆଗେଇ ଯିବ ।

(ଟ) ମାତା ପିତା ହୁଅନ୍ତୁ ବା ଅଭିଭାବକ, ସେ ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପ୍ରତିପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବେ ।

# ସାହିତ୍ୟିକା

(ଅଷ୍ଟମ ଶ୍ରେଣୀ)

ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ସାହିତ୍ୟିକା

(ଅଷ୍ଟମ ଶ୍ରେଣୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

**ସଂପାଦନାମଣ୍ଡଳୀ**

ଡକ୍ଟର ଚକ୍ରଧର ବିଶ୍ୱାଳ (ସମୀକ୍ଷକ)

ଡକ୍ଟର ବିଜୟାନନ୍ଦ ସିଂହ

ସୁଦର୍ଶନ ଦାଶ

ଡକ୍ଟର ସବିତା ଜେନା

ଡକ୍ଟର ମୀନାକ୍ଷୀ ଦାସ

**ପ୍ରଥମ ସଂସ୍କରଣ :** ୨୦୧୧/୨,୦୦,୦୦୦/୨,୦୦,୦୦୦

**ଆର୍ଟପୁଲ**

ଶ୍ରୀ ଜେରକ୍ସ ଆଣ୍ଡ ଅଫ୍‌ସେଟ

ବକ୍ସିବଜାର ରୋଡ଼, କଟକ-୧

**ମୁଦ୍ରଣ**

ଜଗନ୍ନାଥ ପ୍ରୋସେସ୍ ପ୍ରା.ଲି., କଟକ

ଶ୍ରୀ ଗଣେଶ ଅଫସେଟ୍, କଟକ

ମୂଲ୍ୟ : ଟ. ୩୨.୦୦ (ବତିଶି ଟଙ୍କା)

# ॥ ଭୂମିକା ॥

ମାତୃଭାଷା ଓଡ଼ିଆରେ ଛାତ୍ରଛାତ୍ରୀମାନଙ୍କର ବିଷୟଗତ ଓ ପ୍ରାୟୋଗିକ ଦକ୍ଷତାର ଅଭିବୃଦ୍ଧି ନିମନ୍ତେ ଜାତୀୟ ପାଠ୍ୟଖସଡ଼ା - ୨୦୦୫ ଏବଂ ରାଜ୍ୟ ପାଠ୍ୟଖସଡ଼ା - ୨୦୦୭କୁ ଆଧାର କରି ଚଳିତ ଶିକ୍ଷାବର୍ଷରୁ ଅଷ୍ଟମ ଶ୍ରେଣୀ ନିମନ୍ତେ 'ସାହିତ୍ୟିକା' ବିଶଦ ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଅଛି । ନିର୍ବାଚିତ ପ୍ରସଙ୍ଗକୁ ଆଧାର କରି ବିଷୟ ପଢ଼ାଉଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କ ମନରେ ଅଭ୍ୟାସ କାର୍ଯ୍ୟ (Activity) ମାଧ୍ୟମରେ ସାହିତ୍ୟପ୍ରୀତି, ମାତୃଭାଷା ପ୍ରତି ଅନୁରାଗ, ରସାନୁଭୂତି, ସୌନ୍ଦର୍ଯ୍ୟାନୁଭବ ଏବଂ ଭାଷାଜ୍ଞାନର ଯଥୋଚିତ ଅଭିବୃଦ୍ଧି କରାଇପାରିଲେ ଆମର ଶ୍ରମ ସାର୍ଥକ ହେବ । ଇତ୍ୟବସରରେ ସଂକଳକ, ସମୀକ୍ଷକ ଓ ସଂଯୋଜକଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଦେଉଛି ।

ଏହି ପୁସ୍ତକର ଉତ୍ତରୋତ୍ତର ଉନ୍ନତିକଳ୍ପେ ବିଜ୍ଞ ପରାମର୍ଶ / ମତାମତ ମିଳିଲେ ପରବର୍ତ୍ତୀ ସଂସ୍କରଣ ପ୍ରସ୍ତୁତିରେ ସହାୟକ ହେବ ବୋଲି ଆଶା କରେ ।

**ସଭାପତି**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ପ୍ରାକ୍ କଥନ

ଜାତୀୟ ପାଠ୍ୟକ୍ରମ-୨୦୦୫ ଏବଂ ବିଦ୍ୟାଳୟ ପାଠ୍ୟକ୍ରମ ଆଧାର-୨୦୦୭ ଅନୁଯାୟୀ ଅଷ୍ଟମ ଶ୍ରେଣୀ ବିଶଦପାଠ୍ୟ ଓଡ଼ିଆରେ ଏହି ପୁସ୍ତକଟି ସଂକଳିତ ଓ ସଂପାଦିତ ହୋଇଅଛି । ଶ୍ରେଣୀ ଶିକ୍ଷାଦାନକୁ ସରସ, ସୁନ୍ଦର ଓ ରୁଚିକର କରିବା ଉଦ୍ଦେଶ୍ୟରେ ଏହି ମାତୃଭାଷା ପାଠ୍ୟପୁସ୍ତକକୁ ଶିକ୍ଷଣ କାର୍ଯ୍ୟଭିତ୍ତିକ କରାଯାଇଅଛି । ଜାତୀୟ ଶିକ୍ଷାନୀତି ପ୍ରଦର୍ଶିତ ମୂଲ୍ୟବୋଧକୁ ଦୃଷ୍ଟି ଦେଇ ପ୍ରସଙ୍ଗ ଚୟନ କରାଯାଇଅଛି । ନିର୍ବାଚିତ ପ୍ରସଙ୍ଗ ଆଧାରରେ ମାତୃଭାଷା ପଢ଼ାଉଥିବା ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀମାନଙ୍କ ମନରେ ସାହିତ୍ୟପ୍ରୀତି, ମାତୃଭାଷା ପ୍ରତି ଅନୁରକ୍ତି, ରସାନୁଭୂତି ଓ ସୌନ୍ଦର୍ଯ୍ୟାନୁଭବ ତଥା ଭାଷାଜ୍ଞାନର ଅଭିବୃଦ୍ଧି କରାଇପାରିଲେ ଆମର ଶ୍ରମ ସାର୍ଥକ ହେବ ।

**ସଂପାଦନାମଣ୍ଡଳୀ**

# ଭାରତୀୟ ସ୍ଥଳ ସେନା

## ଜୀବନ ଓ ଜୀବିକା ଗଢ଼ିବାରେ ସହଯୋଗୀ

| କ୍ରମିକ ସଂଖ୍ୟା | ପାଠ୍ୟକ୍ରମ | ପାଠ୍ୟକ୍ରମ ନିମନ୍ତେ ଖାଲିଥିବା ସ୍ଥାନ | ଯୋଗ୍ୟତା ମାନଦଣ୍ଡ | | ବୈବାହିକ ସ୍ଥିତି | ଅଗ୍ରଣୀ ସମ୍ବାଦପତ୍ରରେ ବିଜ୍ଞାପନ ଦିଆଯାଏ | ଚାକିରୀ ଚୟନ ପରିଷଦ (ଏସ୍.ଏମ୍.ବି.) ବସିବାର ଆନୁମାନିକ ତାରିଖ | ପ୍ରଶିକ୍ଷଣ ଏକାଡେମୀର ନାମ | ପ୍ରଶିକ୍ଷଣର ସମୟସୀମା |
|---|---|---|---|---|---|---|---|---|---|
| | | | ବୟସସୀମା | ଯୋଗ୍ୟତା | | | | | |
| ୧. | ଏନ୍.ଡି.ଏ ଜାତୀୟ ପ୍ରତିରକ୍ଷା ଏକାଡେମୀ | ୩୦୦ ସ୍ଥଳସେନା ୧୯୫ ବାୟୁସେନା ୬୬ ନୌସେନା ୩୯ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୬ବର୍ଷ ୬ ମାସରୁ ୧୯ ବର୍ଷ | ୧୦ ୨ ଶିକ୍ଷା ବ୍ୟବସ୍ଥାରେ ଦ୍ୱାଦଶ ଶ୍ରେଣୀ କିମ୍ବା ସମତୁଲ୍ୟ କେବଳ ସ୍ଥଳସେବା ନିମନ୍ତେ ଏବଂ ପଦାର୍ଥ ବିଜ୍ଞାନ ଓ ଗଣିତ ବିଷୟ ସହିତ କେବଳ ବାୟୁ ଓ ନୌସେନା ନିମନ୍ତେ | ଅବିବାହିତ | କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ଦ୍ୱାରା ମାର୍ଚ୍ଚ ଓ ଅକ୍ଟୋବର ମାସରେ ବିଜ୍ଞାପନ ଦିଆଯାଏ | ସେପ୍ଟେମ୍ବର ରୁ ଅକ୍ଟୋବର ମାସ ଜାନୁୟାରୀରୁ ଏପ୍ରିଲ୍ ମାସ | ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍.ଡି.ଏ.) ଖଡ଼ଗ ଭାସଲା, ପୁନା | ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍.ଡି.ଏ.)ରେ ୩ବର୍ଷ ଓ ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ (ଆଇ.ଏମ୍.ଏ)ରେ ୧ ବର୍ଷ |
| ୨. | ୧୦ ୨ ସ୍ତରରେ ବୈଷୟିକ ପ୍ରବେଶ ଯୋଜନା | ୮୫ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୬ ବର୍ଷ ୬ ମାସରୁ ୧୯ ବର୍ଷ ୬ ମାସ | ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ରଖି ୧୦ ୨ ପାଶ୍ (ହାରାହାରି ୭୦%ରୁ ଅଧିକା ନମ୍ବର ରଖିଥିବା ପ୍ରାର୍ଥୀ ଆବେଦନ କରିବେ) | ଅବିବାହିତ | ଏପ୍ରିଲ୍ ଓ ସେପ୍ଟେମ୍ବର ମାସ | ଅଗଷ୍ଟରୁ ଅକ୍ଟୋବର ଏବଂ ଫେବୃୟାରୀରୁ ଏପ୍ରିଲ୍ ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ ଡେରାଡୁନ୍ | ୫ବର୍ଷ (ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀରେ ୧ବର୍ଷ ଏବଂ ଇଞ୍ଜିନିୟରିଂ ସ୍ନାତକରେ ୪ ବର୍ଷ, ୪ବର୍ଷ ପରେ ସ୍ଥାୟୀ କମିଶନ୍) |
| ୩. | ଆଇ.ଏମ୍.ଏ. (ଡି.ଇ) ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ (ଶିକ୍ଷାଦାନ) | ୨୫୦ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୯ ବର୍ଷରୁ ୨୪ ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାଶ୍ | ଅବିବାହିତ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର / ଅକ୍ଟୋବର ମାସ | ସେପ୍ଟେମ୍ବର / ଅକ୍ଟୋବର ଏବଂ ମାର୍ଚ୍ଚ / ଏପ୍ରିଲ୍ ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ, ଡେରାଡୁନ୍ | ୧ ବର୍ଷ ୬ମାସ |
| ୪. | ଏସ୍.ଏସ୍.ସି (ଏନ୍.ଟି) ସ୍ୱଳ୍ପ ମିଆଦି ସେବା ମିଶନ୍ (ଅଣବୈଷୟିକ ପୁରୁଷ) | ୧୭୫ (ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଏବଂ ଅକ୍ଟୋବର) | ୧୯ ବର୍ଷରୁ ୨୫ ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାଶ୍ | ଅବିବାହିତ/ ବିବାହିତ | ମାର୍ଚ୍ଚ / ଏପ୍ରିଲ୍ ଓ ସେପ୍ଟେମ୍ବର / ଅକ୍ଟୋବର ମାସ | ଅକ୍ଟୋବର / ନଭେମ୍ବର ଏବଂ ଜୁଲାଇ / ଅଗଷ୍ଟ | (ଓ.ଟି.ଏ., ଚେନ୍ନାଇ) ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |

| | | | | | | | | | |
|---|---|---|---|---|---|---|---|---|---|
| ୫. | ଏସ୍.ଏସ୍.ସି. (ଏନ୍.ଟି.) ସ୍ୱଳ୍ପ ମିଆଦି ସେବା କମିଶନ୍ (ଅଣବୈଷୟିକ (ମହିଳା) (ବିଶେଷଜ୍ଞ ଅଣ ବୈଷୟିକ ସମେତ ଜେ.ଏ.ଜି. ପ୍ରବେଶ ନିମନ୍ତେ) | ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସରେ ଯେତୋଟି ସ୍ଥାନ ପାଇଁ ବିଜ୍ଞାପନ ପ୍ରକାଶ ପାଇବ | ସ୍ନାତକ ଉପାଧି ନିମନ୍ତେ ୧୯ ରୁ ୨୫ ବର୍ଷ ଓ ସ୍ନାତକୋତ୍ତର / ବିଶେଷଜ୍ଞ / ଜେ.ଏ.ଜି. ନିମନ୍ତେ ୨୧ ରୁ ୨୭ ବର୍ଷ | ସ୍ୱୀକୃତି ପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଡିପ୍ଲୋମା ସମେତ ସ୍ନାତକ/ ସ୍ନାତକୋତ୍ତର/ ଆଇନ ସ୍ନାତକ ପାଶ୍ | ଅବିବାହିତ | ଏପ୍ରିଲ୍ ଓ ଅକ୍ଟୋବର ମାସ | ନଭେମ୍ବରରୁ ଜାନୁୟାରୀ ଏବଂ ମେ' ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ (ଓ.ଟି.ଏ) ଚେନ୍ନାଇ | ୪୯ ସପ୍ତାହ |
| ୬. | ଏନ୍.ସି.ସି. (ସମଗ୍ର ଶିକ୍ଷାର୍ଥୀ ବାହିନୀ) (ସ୍ୱତନ୍ତ୍ର) ପୁରୁଷଙ୍କ ପ୍ରବେଶ ନିମନ୍ତେ | ୫୦ ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସ | ୧୯ରୁ ୨୫ବର୍ଷ | ସ୍ନାତକ ଉପାଧିରେ ହାରାହାରି ୫୦% ନମ୍ବର ରଖି ପାଶ୍ କରିଥିବେ ସମର ଶିକ୍ଷାର୍ଥୀ ବାହିନୀ (ସ୍ଥଳ ବାହିନୀରେ) ୨ ବର୍ଷର ସେବା ସମେତ 'ସି' ସାର୍ଟିଫିକେଟ୍ ପରୀକ୍ଷାରେ 'ବି' ଶ୍ରେଣୀ ପ୍ରାପ୍ତ ହୋଇଥିବେ | ଅବିବାହିତ | ବିଜ୍ଞାପନ ଭାବେ ପ୍ରକାଶ ପାଇବ | ଜାନୁୟାରୀ ଓ ଅଗଷ୍ଟ କେବଳ ମହିଳାଙ୍କ ନିମନ୍ତେ, ନଭେମ୍ବରରୁ ଜାନୁୟାରୀ ଏବଂ ମେ' ରୁ ଜୁଲାଇ ପୁରୁଷଙ୍କ ନିମନ୍ତେ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |
| | ଏନ୍.ସି.ସି. (ସମର ଶିକ୍ଷାର୍ଥୀ ବାହିନୀ) (ସ୍ୱତନ୍ତ୍ର) ମହିଳାଙ୍କ ପ୍ରବେଶ ନିମନ୍ତେ | ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ହେବ | | | | | | | |
| ୭. | ଜେ. ଏଜି. (ବିଚାରକ ମହା ଅଧିବକ୍ତା) (ପୁରୁଷ) | ଯେତୋଟି ସ୍ଥାନ ନିମନ୍ତେ ଏପ୍ରିଲ୍ / ଅକ୍ଟୋବର ମାସରେ ବିଜ୍ଞାପନ ପ୍ରକାଶ ହେବ | ୨୧ ରୁ ୨୭ବର୍ଷ | ସ୍ନାତକ ସମେତ ହାରାହାରି ୫୫% ନମ୍ବର ରଖି ଆଇନରେ ସ୍ନାତକ/ ସ୍ନାତକୋତ୍ତର, ଭାରତ ବର୍ଷରେ ଯେକୌଣସି ରାଜ୍ୟର ବାର୍ କାଉନ୍ସିଲରେ ନିଜ ନାମ ପଞ୍ଜୀକୃତ କରିଥିବେ | ଅବିବାହିତ / ବିବାହିତ | ମେ' | ଜାନୁୟାରୀ ଓ ଅଗଷ୍ଟ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |
| ୮. | ୟୁ.ଇ.ଏସ୍. (ଅନୁ ଇଞ୍ଜିନିୟରିଂ ସେବା) | ୬୦ ପ୍ରତ୍ୟେକ ବର୍ଷ ଜୁଲାଇ ମାସ | ଶେଷ ବର୍ଷ ନିମନ୍ତେ ୧୯ରୁ୨୫ ବର୍ଷ ପ୍ରାକ୍ ଶେଷ ବର୍ଷ ନିମନ୍ତେ ୧୮ରୁ୨୪ ବର୍ଷ | ଇଞ୍ଜିନିୟରିଂ ଡିଗ୍ରୀ ପାଠ୍ୟକ୍ରମର ଶେଷ ବର୍ଷ ବା ପ୍ରାକ୍ ଶେଷ ବର୍ଷ ଛାତ୍ର ହୋଇଥିବେ | ଅବିବାହିତ | ଏପ୍ରିଲ୍ ଓ ଅକ୍ଟୋବର | ଶେଷ ବର୍ଷ ନିମନ୍ତେ ଜାନୁୟାରୀରୁ ମାର୍ଚ୍ଚ ପ୍ରାକ୍ ଶେଷ ବର୍ଷ ନିମନ୍ତେ ଅଗଷ୍ଟରୁ ଅକ୍ଟୋବର ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |

| | | | | | | | | | |
|---|---|---|---|---|---|---|---|---|---|
| ୯. | ଟି.ଜି.ସି. (ଇଂଜିନିୟରିଂ) ତାଲିମ ପ୍ରାପ୍ତ ସ୍ନାତକ ବାହିନୀ (ଇଂଜିନିୟରିଂ) | ପ୍ରତ୍ୟେକ ବର୍ଷ ଜାନୁୟାରୀ ଓ ଜୁଲାଇ ମାସରେ ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବ | ୨୦ରୁ ୨୭ବର୍ଷ | ଇଂଜିନିୟରିଂ ସ୍ରୋତର ପ୍ରକାଶିତ ହୋଇଥିବା ବିଷୟରେ ବି.ଇ./ ବି.ଟେକ୍ (ଇଂଜିନିୟରିଂ/ ବୈଷୟିକ ସ୍ନାତକ) | ଅବିବାହିତ/ ବିବାହିତ | ପୁରୁଷଙ୍କ ନିମନ୍ତେ ଏପ୍ରିଲ୍ ଏବଂ ଅକ୍ଟୋବର ଓ ମହିଳାଙ୍କ ନିମନ୍ତେ ଜୁନ୍-ଜୁଲାଇ, ଡିସେମ୍ବର-ଜାନୁୟାରୀ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର/ ଅକ୍ଟୋବର | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |
| ୧୦. | ଟି.ଜି.ସି. (ଶିକ୍ଷା) ଏ.ଇ.ସି. ତାଲିମପ୍ରାପ୍ତ ସ୍ନାତକ ବାହିନୀ (ଶିକ୍ଷା) ସ୍ଥଳସେନା ଶିକ୍ଷା ବାହିନୀ | ପ୍ରତ୍ୟେକ ବର୍ଷ ଜାନୁୟାରୀ ଓ ଜୁଲାଇ ମାସରେ ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବ | ୨୩ରୁ ୨୭ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ବିଜ୍ଞାପିତ ହୋଇଥିବା ବିଷୟରେ କଳା/ ବିଜ୍ଞାନରେ ସ୍ନାତକୋତ୍ତର ପାଶ୍ | ଅବିବାହିତ | ମାର୍ଚ୍ଚ ଓ ଅଗଷ୍ଟ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର/ ଅକ୍ଟୋବର | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |
| ୧୧. | ଏସ୍.ଏସ୍.ସି (ଟି)/ସ୍ୱଳ୍ପ ମିଆଦି ସେବା କମିଶନ୍ (ବୈଷୟିକ) (ପୁରୁଷ) | ୫୦ ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର | ୨୦ରୁ ୨୭ବର୍ଷ | ବିଜ୍ଞାପିତ ହୋଇଥିବା ବିଷୟରେ ଇଞ୍ଜିନିୟରିଂ ଉପାଧି | ଅବିବାହିତ / ବିବାହିତ | ଏପ୍ରିଲ୍ ଓ ଜୁଲାଇ | ଡିସେମ୍ବର-ଜାନୁୟାରୀ ଓ ଜୁନ୍-ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ | ୪୯ ସପ୍ତାହ |
| ୧୨. | ଏସ୍.ଏସ୍.ସି. (ଟି)/ସ୍ୱଳ୍ପ ମିଆଦି ସେବା (ବୈଷୟିକ) (ମହିଳା) | ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସରେ ଯେତୋଟି ସ୍ଥାନ ପାଇଁ ବିଜ୍ଞାପନ ପ୍ରକାଶ ପାଇବ | ୨୦ରୁ ୨୭ବର୍ଷ | ବିଜ୍ଞାପିତ ହୋଇଥିବା ବିଷୟରେ ଇଂଜିନିୟରିଂ ଉପାଧି | ଅବିବାହିତ | ଜାନୁୟାରୀ ଓ ଜୁଲାଇ | ଏପ୍ରିଲ୍ ପାଠ୍ୟକ୍ରମ ପାଇଁ ନଭେମ୍ବରରୁ ଜାନୁୟାରୀ ଓ ଅକ୍ଟୋବର ପାଠ୍ୟକ୍ରମ ପାଇଁ ମଇରୁ ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ | ୪୯ ସପ୍ତାହ |

# ଜୀବନ ଓ ଜୀବିକା ଗଢ଼ିବାରେ ସହଯୋଗୀ

| କ୍ରମିକ ସଂଖ୍ୟା | ବର୍ଗ | ଶିକ୍ଷାଗତ ଯୋଗ୍ୟତା | ବୟସ |
|---|---|---|---|
| ୧ | ୨ | ୩ | ୪ |
| ୧. | ସୈନିକ (ସାଧାରଣ କର୍ତ୍ତବ୍ୟ) (ସ୍ଥଳ ସେନାରେ ସମସ୍ତ ବିଭାଗ ନିମନ୍ତେ) | ପ୍ରତ୍ୟେକ ବିଷୟରେ ୩୨% ପ୍ରତିଶତ ଏବଂ ହାରାହାରି ୪୫% ପ୍ରତିଶତ ନମ୍ବର ରଖି ଏସ୍.ଏସ୍. ଏଲ୍.ସି / ମାଟ୍ରିକ ପାଶ୍ ଏବଂ ତଦୂର୍ଦ୍ଧ । | ୧୬ବର୍ଷ ୬ ମାସ ରୁ ୨୧ବର୍ଷ |
| ୨. | ସୈନିକ (ବୈଷୟିକ) (ବୈଷୟିକ ସ୍ଥଳସେନା, ଗୋଲନ୍ଦାଜସେନା) | ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟ ରଖି ୧୦ ୨ / ଇଣ୍ଟରମିଡିଏଟ୍ ବିଜ୍ଞାନ ଶ୍ରେଣୀ ପାଶ୍ | ୧୬ବର୍ଷ ୬ ମାସ ରୁ ୨୩ବର୍ଷ |
| ୩. | ସୈନିକ କିରାଣୀ / ବୈଷୟିକ ଭଣ୍ଡାର ରକ୍ଷକ (ସ୍ଥଳ ସେନାର ସମସ୍ତ ବିଭାଗ) | ପ୍ରତ୍ୟେକ ବିଷୟରେ ଅନ୍ୟୁନ ୪୦% ପ୍ରତିଶତ ଏବଂ ହାରାହାରି ୫୦% ପ୍ରତିଶତ ନମ୍ବର ରଖି (କଳା, ବାଣିଜ୍ୟ, ବିଜ୍ଞାନ) ଯେ କୌଣସି ସ୍ରୋତର ୧୦ ୨ /ଇଣ୍ଟର ମିଡିଏଟ୍ ପରୀକ୍ଷା ପାଶ୍ । ଉଚ୍ଚ ଯୋଗ୍ୟତା ନିମନ୍ତେ କୌଣସି ନିର୍ଦ୍ଧାରଣ ହେବନାହିଁ । | ୧୬ବର୍ଷ ୬ ମାସ ରୁ ୨୩ବର୍ଷ |
| ୪. | ସୈନିକ, ସେବାକର୍ମ ସହାୟକ (ସ୍ଥଳ ସେନା ଚିକିତ୍ସା ବାହିନୀ) | ପ୍ରତ୍ୟେକ ବିଷୟରେ ଅନ୍ୟୁନ ୪୦% ପ୍ରତିଶତ ଏବଂ ହାରାହାରି ଅନ୍ୟୁନ ୫୦% ପ୍ରତିଶତ ନମ୍ବର ରଖି ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ ଓ ଇଂରାଜୀ ବିଷୟରେ ୧୦ ୨ /ଇଣ୍ଟର ମିଡିଏଟ୍ ପରୀକ୍ଷା ପାଶ୍ । | ୧୬ବର୍ଷ ୬ ମାସ ରୁ ୨୩ବର୍ଷ |
| ୫. | ସୈନିକ କାରିଗର (ସ୍ଥଳ ସେନାର ପ୍ରତ୍ୟେକ ବିଭାଗ) | ଅଣ ମାଟ୍ରିକ୍ୟୁଲେସନ | ୧୬ବର୍ଷ ୬ ମାସ ରୁ ୨୩ବର୍ଷ |
| ୬. | ସୈନିକ (ସାଧାରଣ କର୍ତ୍ତବ୍ୟ) (ସ୍ଥଳସେନାର ପ୍ରତ୍ୟେକ ବିଭାଗ) | ଅଣ ମାଟ୍ରିକ୍ୟୁଲେସନ୍ | ୧୬ବର୍ଷ ୬ ମାସ ରୁ ୨୩ବର୍ଷ |
| ୭. | ସର୍ଭେୟର ଅଟୋ କାର୍ଟୋଗ୍ରାଫର (ସ୍ୱୟଂ କ୍ରିୟାତ୍ମକ ଲିଖନ ସର୍ବେକ୍ଷକ) (ଇଞ୍ଜିନିୟରସ୍) | ମାଟ୍ରିକ ଏବଂ ଦ୍ୱାଦଶ (୧୦ ୨) ଶ୍ରେଣୀରେ ଗଣିତ ଓ ବିଜ୍ଞାନ ରଖିଥିବା ସହ ସ୍ନାତକ କଳା / ବିଜ୍ଞାନରେ ଗଣିତ ରଖି ପାଶ୍ | ୨୦ବର୍ଷ ରୁ ୨୫ ବର୍ଷ |
| ୮. | ଜେ.ସି. ଓ (ଧାର୍ମିକ ଶିକ୍ଷକ) / କନିଷ୍ଠ କମିଶନଡ୍ ଅଧିକାରୀ (ଧାର୍ମିକ ଶିକ୍ଷକ) (ସ୍ଥଳ ସେନାର ସମସ୍ତ ବିଭାଗ) | ଯେ କୌଣସି ସ୍ରୋତରେ ସ୍ନାତକ ସହିତ ନିଜ ଧର୍ମ ସମ୍ପ୍ରଦାୟ ଉପରେ ଯୋଗ୍ୟତା | ୨୭ବର୍ଷ ରୁ ୩୪ ବର୍ଷ |
| ୯. | ଜେ.ସି. ଓ (କାଟେରିଙ୍ଗ) କନିଷ୍ଠ କମିଶନଡ ଅଧିକାରୀ (ଖାଦ୍ୟ ସରବରାହ) (ସ୍ଥଳ ସେନା ସେବା ବାହିନୀ) | ୧୦ ୨, ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ରାନ୍ଧଣାକଳା, ହୋଟେଲ୍ ପରିଚାଳନା ଏବଂ ଖାଦ୍ୟ ସରବରାହ ବାବଦରେ ବୈଷୟକଜ୍ଞାନ ଥିବା ଏକ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ସମୟସୀମାର ପ୍ରମାଣିତ ପାଠ୍ୟକ୍ରମ/ଡିପ୍ଲୋମା । ଏଆଇସିଟିଇ (ସର୍ବ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ)ର ସ୍ୱୀକୃତି ବାଧ୍ୟତା ମୂଳକ ନୁହେଁ । | ୨୧ବର୍ଷ ରୁ ୨୭ ବର୍ଷ |
| ୧୦. | ହାବିଲ୍‌ଦାର ଶିକ୍ଷକ | ବି.ପି.ଏକ୍ସ (ସାଧାରଣ ପଦବୀ-ଏକ୍ସ) – କଳା / ବିଜ୍ଞାନରେ ସ୍ନାତକୋତ୍ତର କିମ୍ବା ଶିକ୍ଷକ ତାଲିମ୍ ପାଠ୍ୟସହ କଳା/ବିଜ୍ଞାନରେ ସ୍ନାତକ ବି.ପି.- ୱାଇ'' (ସାଧାରଣ ପଦବୀ – ୱାଇ'') ଶିକ୍ଷକ ତାଲିମ୍ ପାଠ୍ୟକ୍ରମ ବ୍ୟତୀତ କଳା/ବିଜ୍ଞାନରେ ସ୍ନାତକ | (ସର୍ବ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ) ୨୦ –୨୫ ବର୍ଷ |

ଟିପ୍ପଣୀ–ଶିକ୍ଷାଦାନ କରିବା ପାଇଁ ସୈନିକ (ସାଧାରଣ କର୍ତ୍ତବ୍ୟ)ରେ ଭରି ହେବା ନିମନ୍ତେ ସରକାରଙ୍କ ଦ୍ୱାରା ଚୟନ କରାଯାଇଥିବା କେତେକ ରାଜ୍ୟ/ଧର୍ମ/ଜାତି ଓ ସମ୍ପ୍ରଦାୟଙ୍କ ନିମନ୍ତେ କେବଳ ପ୍ରଯୁଜ୍ୟ ।

ସର୍ବଶେଷ ବିବରଣ ନିକଟତମ ସ୍ଥଳସେନା ନିଯୁକ୍ତି କାର୍ଯ୍ୟାଳୟ/ଆଞ୍ଚଳିକ ନିଯୁକ୍ତି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହି ତଥ୍ୟ କେବଳ ସମ୍ୟକ ସୂଚନା ନିମନ୍ତେ ଏବଂ ଏହା ପରିବର୍ତ୍ତନ ସାପେକ୍ଷ) ସର୍ବଶେଷ ବିବରଣ ପାଇଁ ନିଯୁକ୍ତି କରୁଥିବା କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ ।
ଦେଖନ୍ତୁ ।

# ବୃକ୍ଷ ମାହାତ୍ମ୍ୟ

● ଜଗନ୍ନାଥ ଦାସ

## କବି ପରିଚୟ :

ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସ (ପଞ୍ଚଦଶ ଶତାବ୍ଦୀ ଶେଷାର୍ଦ୍ଧ – ଷୋଡ଼ଶ ଶତାବ୍ଦୀ ପ୍ରଥମାର୍ଦ୍ଧ) ହେଉଛନ୍ତି ଜଣେ ଅମର ସ୍ରଷ୍ଟା । ଓଡ଼ିଆ ଜାତି ପାଇଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏକ ଶ୍ରେଷ୍ଠ ଅବଦାନ । ଏହା ସଂସ୍କୃତ ଭାଷାରେ ରଚିତ 'ଶ୍ରୀମଦ୍‌ଭାଗବତ' ଗ୍ରନ୍ଥର ଆକ୍ଷରିକ ଅନୁବାଦ ନୁହେଁ । ମୂଳ ଗ୍ରନ୍ଥର ଯେଉଁ ଅଂଶ ସମାଜ ପାଇଁ ବିଶେଷ ଉପଯୋଗୀ ନୁହେଁ, ତାହାକୁ ସେ ସଂକ୍ଷିପ୍ତ କରିଦେଇଛନ୍ତି । ଯେଉଁ ଅଂଶ ସମାଜ ପାଇଁ ଅଧିକ ଉପଯୋଗୀ, ତାହାକୁ ସେ ସଂପ୍ରସାରିତ କରିଛନ୍ତି । ଲୋକପ୍ରିୟତା ଦୃଷ୍ଟିରୁ ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଶାର ଘରେ ଘରେ ଆଦୃତ । ଓଡ଼ିଆ ଭାଗବତ ବ୍ୟତୀତ ଜଗନ୍ନାଥ ଦାସଙ୍କର ଆଉ କେତେକ ଜଣାଶୁଣା ରଚନା ହେଉଛି 'ତୁଳାଭିଣା', 'ଅର୍ଥକୋଇଲି', 'ଦାରୁବ୍ରହ୍ମ ଗୀତା', 'ମୃଗୁଣୀ ସ୍ତୁତି' ଇତ୍ୟାଦି ।

ପ୍ରସ୍ତୁତ ପାଠ୍ୟାଂଶଟି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ଦଶମସ୍କନ୍ଧ (ଗୋପଲୀଳା) ଅନ୍ତର୍ଗତ ତ୍ରୟୋବିଂଶ ଅଧ୍ୟାୟରୁ ଅଣାଯାଇଛି । ଏହି ଅଂଶରେ କବି ଶ୍ରୀକୃଷ୍ଣଙ୍କ ମୁଖରେ ବୃକ୍ଷର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ।

---

ଏମନ୍ତେ କୃଷ୍ଣ ଆଜ୍ଞା ପାଇ
କନ୍ୟାଏ ଗଲେ ତୋଷ ହୋଇ ।
ଗୋବିନ୍ଦ ପାଦେ ମନ ଥୋଇ
ମିଳିଲେ ନିଜ ଘରେ ଯାଇଁ ।୧।
ଗୋପାଳ ମେଳେ ଦାମୋଦର
ଗାଈ ଚରାଇ ଗଲେ ଦୂର ।
ନିଦାଘ ରବି ତେଜ ଲାଗି
ପୋଏ ହୋଇଲେ ଦୁଃଖଭାଗୀ ।
ଚରାନ୍ତି ଗୋରୁ ଗୋପ ମେଳେ
ଶୀତଳ ଛାୟା ବୃକ୍ଷ ତଳେ ।

ବୃକ୍ଷକୁ ଚାହିଁ ଦାମୋଦର
ବୋଲନ୍ତି ଗୋପଙ୍କ ଆଗର ।୨,୩।
ହେ ସ୍ତୋକକୃଷ୍ଣ ମିତ ମୋର
ଶ୍ରୀଦାମ ଅର୍ଜୁନ ସୁବଳ ।
ଅଂଶୁ ବିଶାଳ ଦେବପ୍ରସ୍ଥ
ଦେଖ ଏ ବୃକ୍ଷଙ୍କ ମହତ୍ତ୍ୱ ।
ପରେ କରନ୍ତି ଉପକାର
ସୁଜନ ପ୍ରାଣୀଙ୍କ ବେଭାର ।
ଶୀତ ବରଷା ଘର୍ମ ଦୁଃଖ
ସହି ଆମ୍ଭଙ୍କୁ ଦ୍ୟନ୍ତି ସୁଖ ।
ଧନ୍ୟ ଜୀବନ ଏହାଙ୍କର
ଜୀବିକା ହୋନ୍ତି ପ୍ରାଣୀଙ୍କର । ୪-୬ ।
ସୁଜନଘରେ ଯେହ୍ନେ ଯାଇ
ଅତିଥି ନିରାଶ ନୁହଇ ।
ପତ୍ର କୁସୁମ ଫଳ ଛାଇ
ମୂଳ ବକଳ ଦାରୁ ଦେଇ ।
କ୍ଷାର, ଅଙ୍ଗାର, ଭସ୍ମ, ଅଠା
ଗୃହକୁ ସାଜି ବାଡ଼ କଣ୍ଟା ।
ଏତେ ପ୍ରକାରେ ସେବା କରି
ନିତ୍ୟେ ଏ ପର ଉପକାରୀ ।
ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟେ ଦେହ ବହି ।
ମନ ବଚନ ଧନେ କରି
ଯେ ହୋଏ ପର ଉପକାରୀ ।
ଦିନ ହରନ୍ତି ଦୁଃଖ ସୁଖେ
ସେ ଧନ୍ୟ ଇହ ପରଲୋକେ । ୭,୮ ।
ପୁଷ୍ପ ପଲ୍ଲବ ଫଳ ଦଳେ
ତରୁର ଲମ୍ବ ଡାଳ ତଳେ ।

ଗୋରୁ ଗୋପାଳ ଘେନି ସଙ୍ଗେ
ମିଳିଲେ ଯମୁନାର ଲାଗେ । ୯ ।
ଶୀତଳ ଜଳ ପାନ କରି
ବୃକ୍ଷର ତଳେ ନରହରି ।
କୃଷ୍ଣଙ୍କୁ ଦେଖି ଗୋପବାଳେ
କହନ୍ତି କ୍ଷୁଧାର ବିକଳେ । ୧୦,୧୧ ।
ସେ ରାମ କୃଷ୍ଣର ଅଗ୍ରତ
ନମଇଁ ଦାସ ଜଗନ୍ନାଥ ।

## ସୂଚନା :

କନ୍ୟାଏ - ଗୋପବାଳାମାନେ

ଗୋବିନ୍ଦ - ଶ୍ରୀକୃଷ୍ଣଙ୍କର ଏକ ନାମ

ଦାମୋଦର - ଦାମ+ଉଦର = ଦାମୋଦର । 'ଦାମ' ଶବ୍ଦର ଅର୍ଥ ଦଉଡ଼ି, ପିଲାଦିନେ ଅମାନିଆ ଶ୍ରୀକୃଷ୍ଣଙ୍କୁ ମାତା ଯଶୋଦା ଥରେ ଦଉଡ଼ିରେ ବାନ୍ଧିଥିଲେ । ଶ୍ରୀକୃଷ୍ଣଙ୍କ ଶରୀରରେ ସେହି ଦଉଡ଼ିର ଚିହ୍ନ ରହିଯାଇଥିଲା । ସେହି କାରଣରୁ ଶ୍ରୀକୃଷ୍ଣଙ୍କର ଗୋଟିଏ ନାଁ ହେଉଛି 'ଦାମୋଦର' ।

ନିଦାଘ - ଗ୍ରୀଷ୍ମକାଳ

ପରେ - ଅନ୍ୟପାଇଁ

ପୋଏ - ଶ୍ରୀକୃଷ୍ଣଙ୍କ ସହିତ ଗୋଚାରଣ କରୁଥିବା ଗୋପବାଳକମାନେ

ବେଭାର - ବ୍ୟବହାର

ଗୋପ - ଗୋପାଳ ବାଳକ

ସ୍ତୋକକୃଷ୍ଣ - ଶ୍ରୀକୃଷ୍ଣଙ୍କର ଜଣେ ସଖା

ଶ୍ରୀଦାମ, ଅର୍ଜୁନ, ସୁବଳ, ଅଂଶୁ, ବିଶାଳ, ଦେବପ୍ରସ୍ଥ - ଏମାନେ ପ୍ରତ୍ୟେକେ ଶ୍ରୀକୃଷ୍ଣଙ୍କର ଜଣେ ଜଣେ ସଖା

ଘର୍ମ - ଝାଳ

ଦ୍ୟନ୍ତି - ଦିଅନ୍ତି

ଦାରୁ - କାଠ

ଦଳ - ପତ୍ର

ଲାଗେ - ନିକଟରେ

## ପ୍ରଶ୍ନାବଳୀ

### ସଂକ୍ଷିପ୍ତ ଉତ୍ତରମୂଳକ :

୧. 'ବୃକ୍ଷ ମାହାତ୍ମ୍ୟ' କବିତାର କବି କିଏ ?
୨. କବି ଜଗନ୍ନାଥ ଦାସ କେଉଁ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ?
୩. ଜଗନ୍ନାଥ ଦାସଙ୍କ ରଚିତ ଭାଗବତର କେଉଁ ସ୍କନ୍ଧରୁ 'ବୃକ୍ଷ ମାହାତ୍ମ୍ୟ' କବିତାଟି ଅଣାଯାଇଛି ?
୪. 'କନ୍ୟାଏ ଗଲେ ତୋଷ ହୋଇ' - କେଉଁମାନଙ୍କୁ ଏଠାରେ କନ୍ୟାଏ ବୋଲି କୁହାଯାଇଛି ?
୫. ଦାମୋଦର କିଏ ?
୬. ତାଙ୍କର ନାମ 'ଦାମୋଦର' ହୋଇଛି କାହିଁକି ?
୭. 'ବୃକ୍ଷ ମାହାତ୍ମ୍ୟ' କବିତାରେ କେଉଁ ଋତୁର ଘଟଣା ବର୍ଣ୍ଣନା କରାଯାଇଛି ?
୮. 'ପୋଏ ହୋଇଲେ ଦୁଃଖ ଭାଗୀ' - କେଉଁମାନେ ଦୁଃଖ ଅନୁଭବ କରୁଥିଲେ ?
୯. ସେମାନେ ଦୁଃଖ ଅନୁଭବ କରୁଥିଲେ କାହିଁକି ?
୧୦. ସ୍ତୋକକୃଷ୍ଣ କିଏ ?
୧୧. କେଉଁମାନଙ୍କ ଆଗରେ ଶ୍ରୀକୃଷ୍ଣ କଥା କହୁଥିଲେ ?
୧୨. ଶ୍ରୀକୃଷ୍ଣ କେଉଁ ବିଷୟରେ ବର୍ଣ୍ଣନା କରୁଥିଲେ ?
୧୩. ବୃକ୍ଷକୁ ସୁଜନ ବା ଭଲମଣିଷଙ୍କ ସହିତ ତୁଳନା କରାଯାଇଛି କାହିଁକି ?
୧୪. ଧନ୍ୟ ଜୀବନ ଏହାଙ୍କର - ଏଠାରେ କେଉଁମାନଙ୍କ ଜୀବନ ବିଷୟରେ କୁହାଯାଇଛି ?
୧୫. 'ଜୀବିକା ହୋନ୍ତି ପ୍ରାଣୀଙ୍କର' - ଏହି ଧାଡ଼ିରୁ ବୃକ୍ଷ ସଂପର୍କରେ ତୁମେ କ'ଣ ଜାଣିବାକୁ ପାଉଛ ?
୧୬. କେଉଁ ସ୍ଥାନକୁ ଗଲେ ଅତିଥିଙ୍କୁ ନିରାଶ ହେବାକୁ ପଡ଼େନା ?
୧୭. ଇହଲୋକ ଓ ପରଲୋକରେ କେଉଁମାନଙ୍କ ଜୀବନ ଧନ୍ୟ ହୁଏ ବୋଲି କବି କହିଛନ୍ତି ?
୧୮. 'ବୃକ୍ଷ ମାହାତ୍ମ୍ୟ' କବିତାରେ କାହାକୁ ରାମ ବୋଲି କୁହାଯାଇଛି ?

### ସପ୍ରସଙ୍ଗ ସରଳାର୍ଥ ଲେଖ :

୧୯. ଧନ୍ୟ ଜୀବନ ଏହାଙ୍କର
ଜୀବିକା ହୋନ୍ତି ପ୍ରାଣୀଙ୍କର ।

୨୦. ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟେ ଦେହ ବହି ।

୨୧. ମନ ବଚନ ଧନେ କରି
ଯେ ହୋଏ ପର ଉପକାରୀ ।
ଦିନ ହରନ୍ତି ଦୁଃଖ ସୁଖେ
ସେ ଧନ୍ୟ ଇହ ପରଲୋକେ ।

**ଦୀର୍ଘ ଉତ୍ତରମୂଳକ :**

୨୨. ବୃକ୍ଷମାନେ କିପରି ଭାବରେ ପରର ଉପକାର କରନ୍ତି ତାହା ପଠିତ କବିତା ଅନୁସରଣରେ ବର୍ଣ୍ଣନ କର ।

୨୩. ବୃକ୍ଷମାନଙ୍କ ଜୀବନ ଧନ୍ୟ – କବି ଏପରି କାହିଁକି କହିଛନ୍ତି ବର୍ଣ୍ଣନ କର ।

୨୪. କବିତାଟିର ନାମ 'ବୃକ୍ଷ ମାହାତ୍ମ୍ୟ' ରଖାଯିବାର ଯଥାର୍ଥତା ଆଲୋଚନା କର ।

୨୫. ଅବିଚାରିତ ଭାବରେ ବୃକ୍ଷଛେଦନ ଫଳରେ ସମାଜର ଯେଉଁ କ୍ଷତି ହେଉଛି ସେ ବିଷୟ ବର୍ଣ୍ଣନା କରି ଗୋଟିଏ ପ୍ରଚାରପତ୍ର ପ୍ରସ୍ତୁତ କର ।

୨୬. ବୃକ୍ଷରୋପଣର ଆବଶ୍ୟକତା ସଂପର୍କରେ ଶ୍ରେଣୀଗୃହରେ ଅଥବା ବିଦ୍ୟାଳୟରେ ହେବାକୁ ଥିବା ଆଲୋଚନା ସଭାରେ ଭାଗ ନେବା ନିମନ୍ତେ ତୁମ ବକ୍ତବ୍ୟର ଏକ ପ୍ରତିଲିପି ପ୍ରସ୍ତୁତ କର ।

୨୭. ଏହି କବିତାରେ ବୃକ୍ଷର କେତେକ ଉପକାର ବର୍ଣ୍ଣିତ ହୋଇଛି । ଏହା ବ୍ୟତୀତ ଆମେ ବୃକ୍ଷ ଯୋଗୁଁ ଆହୁରି ଅଧିକ କିଛି ଉପକାର ପାଉ । ନିଜ ସହପାଠୀମାନଙ୍କ ସହିତ ଆଲୋଚନା କରି ବୃକ୍ଷରୁ ମିଳୁଥିବା ଅନ୍ୟାନ୍ୟ ଉପକାର ସଂପର୍କରେ ଲେଖ ।

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୨୮. 'ଦାମ' ଏବଂ 'ଉଦର', ଏ ଦୁଇ ଶବ୍ଦକୁ ସନ୍ଧି କରାଯାଇ 'ଦାମୋଦର' ଶବ୍ଦଟି ଗଠିତ ହୋଇଛି । ଶେଷକୁ 'ଉଦର' ଶବ୍ଦ ଥିବା ଆଉ ତିନି ବା ଚାରୋଟି ଶବ୍ଦ ଲେଖ । ଏମାନଙ୍କ ମଧ୍ୟରୁ କୌଣସି ଶବ୍ଦର ଅର୍ଥ ତୁମକୁ ଜଣା ନ ଥିଲେ ଅଭିଧାନରୁ ଖୋଜି ତାହାର ଅର୍ଥ ଟିପି ରଖ ।

୨୯. ତଳଲିଖିତ ନାମମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକ ଶ୍ରୀକୃଷ୍ଣଙ୍କ ସଖାଙ୍କ ନାମ ନୁହେଁ, ତାହାକୁ ବାଛି ଲେଖ ।

ଶ୍ରୀଦାମ, ସୁବଳ, ଭୀମ, ଅର୍ଜୁନ, ପ୍ରାଂଶୁ, ଅଂଶୁ, ବଜ୍ରହସ୍ତ, ଦେବପ୍ରସ୍ଥ ।

୩୦. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ସେମାନଙ୍କ ଡାହାଣ ପଟରେ ଥିବା ବନ୍ଧନୀ ମଧ୍ୟରୁ ବାଛି ଲେଖ ।

ନିଦାଘ (ନିଷ୍ଠୁର, କରୁଣ, ଗ୍ରୀଷ୍ମ, ଶରତ)
ଘର୍ମ (ବର୍ଷା, ଝାଳ, ଲାଳ, ଚମଡ଼ା)
ଦାରୁ (ସୁନ୍ଦର, କର୍କଶ, ମଠ, କାଠ)
ଇହ (ଏହି ସ୍ଥାନରେ, ସେହି ସ୍ଥାନରେ, କେଉଁ ସ୍ଥାନରେ, ସବୁ ସ୍ଥାନରେ)

୩୧. 'ମହତ୍' ଶବ୍ଦରେ 'ତ୍ୱ' ପ୍ରତ୍ୟୟ ଯୋଗ କଲେ ଶବ୍ଦଟି ହୁଏ 'ମହତ୍ତ୍ୱ' । ସେହିପରି ନିମ୍ନଲିଖିତ ଶବ୍ଦମାନଙ୍କରେ 'ତ୍ୱ' ଯୋଗ କରି ନୂତନ ଶବ୍ଦଗୁଡ଼ିକୁ ଲେଖ ।

ଗୁରୁ, ବିଶେଷ, ସତ୍, କ୍ଷୁଦ୍ର, ଦୂର, ସ୍ୱ

୩୨. 'ବେଭାର' ଶବ୍ଦର ଗଦ୍ୟରୂପ ହେଉଛି 'ବ୍ୟବହାର' । ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଗଦ୍ୟରେ କିପରି ଲେଖାଯିବ ?

ଦ୍ୟନ୍ତି, ପୋଏ, କନ୍ୟାଏ, ବୋଲନ୍ତି, ହୋନ୍ତି

୩୩. ବଂଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ମନ ବଚନ _________ କରି

ଯେ ହୋଏ _________ ଉପକାରୀ ।

(ତା'ର, ନିଜ, ଧନେ, ବନେ, ସର୍ବ, ଜନେ, ପର, ତୋର)

(ଖ) ଶୀତ ବରଷା _________ ଦୁଃଖ

ସହି _________ ଦ୍ୟନ୍ତି ସୁଖ ।

(କର୍ମ, ମର୍ମ, ତୁମ୍ଭଙ୍କୁ, ଆମ୍ଭଙ୍କୁ, ଘର୍ମ, ସଭିଙ୍କୁ)

୩୪. ନିମ୍ନଲିଖିତ ପଙ୍କ୍ତିଗୁଡ଼ିକରେ ଥିବା ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।

(କ) ନିଦାଘ ରବି ତେଜ <u>ଲାଗି</u>

ଝୁରୁଛି ମୁହିଁ ପୁତ୍ର <u>ଲାଗି</u>

(ଖ) ମିଳିଲେ ଯମୁନାର <u>ଲାଗେ</u>

ସଂଚିତ ଧନ କର୍ମେ <u>ଲାଗେ</u>

## ତୁମ ପାଇଁ କାମ :

୩୫. ନିଜ ଘରର ବଗିଚାରେ ଅଥବା ବିଦ୍ୟାଳୟ ହତାରେ ଗଛଟିଏ ଲଗାଇ ତା'ର ରକ୍ଷଣାବେକ୍ଷଣ ଓ ବୃଦ୍ଧି ଦିଗରେ ଯତ୍ନ କର ।

୩୬. ବୃକ୍ଷର ଉପକାରିତା ସଂପର୍କରେ ଲେଖାଯାଇଥିବା ବିଭିନ୍ନ କବିତା ଓ ପ୍ରବନ୍ଧ ସଂଗ୍ରହ କରି ପଢ଼ ।

❖❖❖



PJ-01/02/11